ଧରିତ୍ରୀ
DHARITRI
ଗୁରୁବାର, ୧୬ ଜୁନ୍, ୨୦୨୨



## ସଂକ୍ଷେପରେ

### ଥାନା ପରିସରରୁ ଚୋରି ବାଇକ୍ ଉଦ୍ଧାର

**ବଇଣ୍ଡା, ୧୫।୬(ଡି.ଏନ.ଏ):** କିଶୋରନଗର ବ୍ଲକ ହଣ୍ଡପା ଥାନା ପୋଲିସ ମଙ୍ଗଳବାର ରାତିରେ ବଇଣ୍ଡା ଓଭରବ୍ରିଜ୍ ନିକଟରୁ ଏକ ବାଇକ୍ ଜବତ କରିଥିଲା। ତେବେ ବିଳମ୍ବିତ ରାତିରେ ଉକ୍ତ ଗାଡ଼ି ଥାନା ପରିସରରୁ ଚୋରି ହୋଇଯାଇଥିଲା। ତନାଘନା ପରେ ଜଣେ ଯୁବକଙ୍କ ଘରୁ ଉକ୍ତ ବାଇକ୍ ଜବତ କରାଯାଇଛି। ଥାନା ପରିସରରୁ ବାଇକ୍ ଚୋରି ହୋଇଯିବା ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ବାଇକ୍‌ରେ ୩ ଜଣ ଯୁବକ ଆଠମଲ୍ଲିକ ଅଭିମୁଖେ ଯାଉଥିବାବେଳେ ଧରାପଡ଼ିଥିଲେ। ବାଇକ୍‌କୁ ହଣ୍ଡପା ଥାନା ପରିସରରେ ରଖାଯାଇଥିଲା। ତେବେ ସମ୍ପୃକ୍ତ ଯୁବକଙ୍କ ମଧ୍ୟରୁ ଜଣେ ନକଲି ଚାବି ସହାୟତାରେ ବିଳମ୍ବିତ ରାତିରେ ଥାନା ପରିସରରୁ ବାଇକ୍ ନେଇଯାଇଥିଲେ। ବୁଧବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ପୋଲିସର ଏକ ଟିମ୍ ଉକ୍ତ ଯୁବକଙ୍କ ଘରେ ଚଢ଼ାଉ କରି ବାଇକ୍ ଜବତ କରିଛି। ଏ ନେଇ ଆଠମଲ୍ଲିକ ଏସଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି, ଥାନା ପରିସରରୁ ବାଇକ ନେଇଯିବା ସମ୍ପର୍କରେ ତଦନ୍ତ କରାଯିବ।

### ବିଦ୍ୟୁତ୍ ଆଘାତ, ଚଡ଼କରେ ୨ ବଳଦ ମୃତ



**ବଇଣ୍ଡା/ଆଠମଲ୍ଲିକ, ୧୫।୬ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତ ବରପଦା ଗ୍ରାମରେ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ବ୍ରଜବନ୍ଧୁ ରାଉଳଙ୍କ ଏକ ବଳଦର ମୃତ୍ୟୁ ଘଟିଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ସେହିପରି ବଜ୍ରପାତରେ ଆଠମଲ୍ଲିକ ଏନ୍‌ଏସି ୧୧ନଂ. ୱାର୍ଡର ରୋହିତ ମହାକୁଡ଼ଙ୍କ ଏକ ବଳଦର ମୃତ୍ୟୁ ଘଟିଛି। ଗ୍ରାମ ନିକଟ ଗଙ୍ଗାଯମୁନା ବିଲରେ ବଳଦ ଚରୁଥିବାବେଳେ ବଜ୍ରପାତ ଘଟିଥିଲା। ଏନ୍‌ଏସି ଅଧକ୍ଷା ଆଶାକୁମାରୀ ସାହୁ, ଉପନଗରପାଳ ଗଦାଧର ସ୍ୱାଇଁ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ଲାଗି ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ଅନୁଗୋଳ ଅଫିସ୍, ୧୫।୬:** ଅନୁଗୋଳ ସହର ଉପକଣ୍ଠରେ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସଦର ଥାନାରେ ନଂ. ୪୨୬/୨୨ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ କଙ୍ଗୋଲା ଗ୍ରାମର ଶକ୍ତି ନାୟକଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ବୟସ ୧୫ବର୍ଷ। ଅଭିଯୁକ୍ତ ଶକ୍ତି ତାଙ୍କୁ ପ୍ରେମଜାଲରେ ଫସାଇ ଗତ ମେ' ୧୯ରେ ଘରକୁ ନେଇଯାଇଥିଲେ।ସେଠାରେ ବିବାହ ମଧ କରିଥିଲେ। ତେବେ ଜୁନ୍ ୧୨ରେ ବୁଲାଇନେବା ବାହାନା କରି ପୀଡ଼ିତାଙ୍କୁ ଅନୁଗୋଳରେ ଛାଡ଼ି ଚାଲିଯାଇଥିଲେ। ଏ ସଂକ୍ରାନ୍ତରେ ନାବାଳିକା ଜଣକ ୧୪ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ଘଟଣାର ତଦନ୍ତ କରି ଶକ୍ତିଙ୍କୁ ଗିରଫ କରିଛନ୍ତି।

### ବଜ୍ରପାତରେ ଶିଶୁ ମୃତ, ୩ ଗୁରୁତର

**ବଇଣ୍ଡା/ ଆଠମଲ୍ଲିକ,୧୫।୬(ଡି.ଏନ.ଏ):** ଠାକୁରଗଡ଼ ଥାନା ସିମିଳିଆ ଦାଣ୍ଡି ଗ୍ରାମରେ ବୁଧବାର ବଜ୍ରପାତ ଘଟି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିରଞ୍ଚି ସାହୁଙ୍କ ପୁଅ ବିକାଶ (୧୦)। ଏଥିରେ ନେହେରୁ ସାହୁ, ଦୁତିଆ ସାହୁ ଏବଂ ଶକ୍ତି ସାହୁ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ୪ଜଣ ଗଛରୁ ମହୁ ଖାଇବାକୁ ଯାଇଥିବାବେଳେ ଏହି ଅଘଟଣ ଘଟିଥିଲା। ଘଟଣାସ୍ଥଳରେ ବିକାଶଙ୍କ ମୃତ ହୋଇଯାଇଥିଲା। ସ୍ଥାନୀୟ ବାସିନ୍ଦା ଅନ୍ୟ ୩ଜଣଙ୍କୁ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ରଜପାନ ବିନା ମଉଜ ଅଧା

**ଗୁଆ, ପାନମଧୁରୀ, ମିଠା ନଡ଼ିଆ, ଜାଇଫଳ ସାଙ୍ଗକୁ ଭଳିକି ଭଳି ମିଠା ମସଲା ପକାଇ ଭଙ୍ଗା ଯାଉଛି ରଜପାନ। ଚେରିକୋଳି, ଲବଙ୍ଗରେ ସୁନ୍ଦର ଭାବେ ସଜାଇ ରଖାଯାଉଛି। ଗୋଲାପ ଜଳ ସିଞ୍ଚି ବରାଦ ଅନୁଯାୟୀ ଗ୍ରାହକଙ୍କ ହାତକୁ ବଢ଼ାଇ ଦେଉଛନ୍ତି ସଦାନନ୍ଦ ନାଥ। ୩ଦିନିଆ ରଜ ମହୋତ୍ସବ ପାନ ବ୍ୟବସାୟ ପାଇଁ ସୁଯୋଗ ଆଣିଦେଇଥିବାବେଳେ ତାଙ୍କ ଦୋକାନରେ ମିଳୁଛି ୫୪ ପ୍ରକାର ମସଲାରେ ପ୍ରସ୍ତୁତ ପାନ, ଯାହାକୁ କିଣିବାକୁ ଗ୍ରାହକଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା।**





- ସଦାନନ୍ଦଙ୍କ ଦୋକାନରେ ଲାଗୁଛି ଲମ୍ବା ଲାଇନ୍
- ୫୪ ପ୍ରକାର ମସଲାରେ ପ୍ରସ୍ତୁତ କରାଯାଉଛି
- ୩ ଦିନରେ ଲକ୍ଷେ ଟଙ୍କାର ବ୍ୟବସାୟ ଲକ୍ଷ୍ୟ

**କାମାକ୍ଷାନଗର, ୧୫।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ହନୁମାନ ଛକରେ ପାନ ଦୋକାନ କରିଥିବା ସଦାନନ୍ଦ ନାଥଙ୍କୁ ଏବେ ଫୁରସତ୍ ନାହିଁ। ସକାଳ ୭ଟାରୁ ରାତି ୧୦ଟା ଯାଏ ତାଙ୍କ ଦୋକାନରେ ଅସମ୍ଭବ ଭିଡ଼। କୌଣସି ଜଣେ ବି ଗ୍ରାହକ ଯେପରି ଅସନ୍ତୁଷ୍ଟ ହୋଇ ଫେରି ନ ଯାଆନ୍ତି ସେଥିଲାଗି ବେଶ୍ ସତର୍କ ଏହି ୪୫ ବର୍ଷୀୟ ଦୋକାନୀ। ରଜ ଉତ୍ସବ ଲାଗି ସେ ଖୋଲିଛନ୍ତି ସ୍ୱତନ୍ତ୍ର ଷ୍ଟଲ୍। ପାନ ଗୋଟି ୨୦ ଟଙ୍କାରେ ବିକ୍ରି ହେଉଥିବାବେଳେ ୩ଦିନରେ ପାଖାପାଖି ଲକ୍ଷେ ଟଙ୍କାର ବ୍ୟବସାୟ କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି।

ପାନ ବ୍ୟବସାୟରେ ଥିବା ୩୪ବର୍ଷର ଅଭିଜ୍ଞତା ବଖାଣି ସଦାନନ୍ଦ କୁହନ୍ତି, ରଜ ହେଉଛି କାମାକ୍ଷାନଗର ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ମହୋତ୍ସବ। ଆଦିବାସୀ ଅଧ୍ୟୁଷିତ ତଥା ପଡ଼ୋଶୀ କଙ୍କଡ଼ାହାଡ଼ ବ୍ଲକରେ ମଧ ଏହାକୁ ଆଡମ୍ବର ସହକାରେ ପାଳନ କରାଯାଏ। ଆଳତୁମା ରଜ ମହୋତ୍ସବରେ ଆଖପାଖ ଜିଲାର ହଜାର ହଜାର ସଂଖ୍ୟାରେ ଜନସାଧାରଣଙ୍କ ସମାଗମ ହୋଇଥାଏ। ଅନ୍ୟଦିନରେ ୫,୦୦୦ ଟଙ୍କାର ପାନ ବିକ୍ରି ହେଉଥିବାବେଳେ ରଜ ତିନିଦିନ ଲକ୍ଷାଧିକ ଟଙ୍କା ରୋଜଗାର ହୁଏ। ପୂର୍ବରୁ ସେ କେବଳ ସାଧାରଣ ପାନ ବିକ୍ରି କରୁଥିଲେ।

ଏବେ ୫–୬ବର୍ଷ ହେଲା ସ୍ୱତନ୍ତ୍ର ରଜପାନ ବ୍ୟବସାୟ ଆରମ୍ଭ କରିଛନ୍ତି। ଏଥିରେ ତାଙ୍କ ଭାଇ ବଳରାମ ତାଙ୍କୁ ସହାୟତା କରୁଛନ୍ତି। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ରଜପାନ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ଏହା ସମୟସାପେକ୍ଷ ଏବଂ ବ୍ୟୟବହୁଳ ମଧ। ଏଥିପାଇଁ ରଜ ମହୋତ୍ସବ ୧୫ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଗୁଆ, ଧନିଆ, ପାନମଧୁରି, ମିଠା ନଡ଼ିଆ, ଗୁଜୁରାତି, ଜାଇଫଳ, ଜାଇତ୍ରୀ ସମେତ ୫୪ ପ୍ରକାର ମିଠା ମସଲା ପକାଇ ପାନ ପ୍ରସ୍ତୁତ କରାଯାଏ। ଚେରି, ଲବଙ୍ଗରେ ସୁନ୍ଦର ଭାବେ ସଜାଇ ଗ୍ରାହକଙ୍କୁ ଦିଆଯାଏ। ୫ଟଙ୍କାରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ପାନ ଏବେ ୨୦ଟଙ୍କାରେ ପହଞ୍ଚିଲାଣି। ହେଲେ ଗ୍ରାହକଙ୍କ ଆଦର କମିନି। ଏପରି ଅନେକ ଗ୍ରାହକ ଅଛନ୍ତି, ଯେଉଁମାନେ ଥରକେ ୪୦ରୁ ୫୦ ଖଣ୍ଡ ପାନ କିଣି ନେଉଛନ୍ତି। ଓଡ଼ିଆ ଜନଜୀବନରେ କେଉଁ ଅନାଦି କାଳରୁ ସଦ୍‌ଭାବନାର ପ୍ରତୀକ ସାଜିଛି ପାନ। ଖଣ୍ଡିଏ ପାନରେ ବର୍ଷ ବର୍ଷର ରାଗ, ରୁଷା, ଅଭିମାନ କ୍ଷଣିକରେ ଶେଷ ହୋଇଯାଏ। ଭଙ୍ଗା ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯାଏ। ସମ୍ପର୍କ ଯୋଡୁଥିବା ଏଭଳି ଏକ ବ୍ୟବସାୟ କରି ବେଶ୍ ଖୁସିଥିବା କହିଛନ୍ତି ସଦାନନ୍ଦ।

**ରଜପାନ ସବୁବେଳେ ସ୍ୱତନ୍ତ୍ର**



" ନିଆରା ପ୍ରସ୍ତୁତି ପ୍ରଣାଳୀ ରଜପାନକୁ ସ୍ୱତନ୍ତ୍ର କରିଛି। ରଜ ଉତ୍ସବ ସମୟରେ ପାନ ବାଣ୍ଟିବା ପରମ୍ପରାରେ ପରିଣତ ହୋଇଛି। ଗୁଟ୍‌ଖା ଭଳି ରାସାୟନିକ ସାମଗ୍ରୀରେ ପ୍ରସ୍ତୁତ ପାନ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ହେଲେ ରଜପାନରେ କୌଣସି ରାସାୟନିକ ନ ଥାଏ। ତେଣୁ ଏହାକୁ ସମସ୍ତେ ପସନ୍ଦ କରିଥାଆନ୍ତି।

-ପ୍ରତାପ କୁମାର ସାହୁ, ସାମାଜିକ କର୍ମୀ

**" ପାନପତ୍ର ରସ ପାଚନ ଶକ୍ତି ବଢ଼ାଏ**



କ୍ଷତିକାରକ ରାସାୟନିକ ପଦାର୍ଥ ପଡ଼ିଥିବା ପାନ ସ୍ୱାସ୍ଥ୍ୟହାନି କରିଥାଏ। ତେବେ ପ୍ରାକୃତିକ ସାମଗ୍ରୀରେ ପ୍ରସ୍ତୁତ କରାଯାଉଥିବାରୁ ରଜପାନ ଖାଇବାକୁ ସମସ୍ତେ ପସନ୍ଦ କରିଥାଆନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ପାନପତ୍ରର ରସ ପାଚନ ଶକ୍ତି ବଢ଼ାଇଥାଏ। ରଜ ସମୟରେ ପିଠାପଣା ଭଳି ଗରିଷ୍ଠ ଖାଦ୍ୟକୁ ହଜମ କରିବାରେ ସହାୟକ ହୁଏ।

-ମିଥୁନ କୁମାର ମେହେର, ଡାକ୍ତର

## ମୃତ ହାତୀଛୁଆର ବ୍ୟବଚ୍ଛେଦ ହେଲା

**ମେରୁଦଣ୍ଡରେ ଆଘାତଜନିତ ସମସ୍ୟା**

**ଢେଙ୍କାନାଳ ଅଫିସ, ୧୫।୬**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ରାସୋଳ କୁନୁଆ ଶବରସାହିରୁ ମା' ଦ୍ୱାରା ପରିତ୍ୟକ୍ତ ହେବା ପରେ ଉଦ୍ଧାର ହୋଇ କପିଳାସ ପ୍ରାଣୀ ଉଦ୍ୟାନ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଆସିଥିବା ନବଜାତ ଛୁଆର ମୃତ୍ୟୁକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ତେବେ ବୁଧବାର ବ୍ୟବଚ୍ଛେଦ ରିପୋର୍ଟରୁ ଚକିତ କରିବା ଭଳି ତଥ୍ୟ ପଦାକୁ ଆସିଛି। ଏହାର ମେରୁଦଣ୍ଡରେ ଆଘାତଜନିତ ସମସ୍ୟା ରହିଥିଲା। ତେଣୁ ସେ ଠିକ୍‌ଭାବେ ଛିଡ଼ା ହୋଇପାରୁ ନ ଥିଲା। ଠିକ୍ ଭାବେ ଖାଦ୍ୟ ମଧ ଗ୍ରହଣ କରି ନ ଥିଲା। ତେଣୁ ତାହାର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟପଟେ ହାତୀମୃତ୍ୟୁ ସମ୍ପର୍କରେ ସବିଶେଷ ସୂଚନା ଜାଣିବା ଲାଗି ଶରୀରର କିଛି ଅଂଶ ଭୁବନେଶ୍ୱରସ୍ଥିତ ଓୟୁଏଟିକୁ ପଠାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜଙ୍ଗଲରୁ ଉଦ୍ଧାର ହୋଇ ଆସିବା ପରେ ନବଜାତ ହାତୀ ଛୁଆକୁ ବଞ୍ଚାଇବା ପାଇଁ କପିଳାସ ରେଞ୍ଜ୍ ବନ କର୍ମଚାରୀ, ପ୍ରାଣୀ ଉଦ୍ୟାନର ଚିକିତ୍ସକ ଏବଂ ମାହୁନ୍ତମାନେ ଆପ୍ରାଣ ଉଦ୍ୟମ କରିଥିଲେ। ତେବେ ଜଟିଳ ଶାରୀରିକ ସମସ୍ୟା ଯୋଗୁ ବୁଧବାର ଅପରାହ୍ନରେ ଏହାର ମୃତ୍ୟୁ ହୋଇଯାଇଥିଲା।

# ରଜରେ ଲୋକାରଣ୍ୟ କପିଳାସ



ରଜ ଉପଲକ୍ଷେ କପିଳାସ ପାଦଦେଶରେ ଅସମ୍ଭାଳ ଭିଡ଼ ଯୋଗୁ ଟ୍ରାଫିକ୍ ଜାମ ପରିସ୍ଥିତି ସୃଷ୍ଟି ହୋଇଛି।

- ୪୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ
- ବାରବାଙ୍କ ରାସ୍ତାରେ ଟ୍ରାଫିକ୍ ଜାମ୍

**ଢେଙ୍କାନାଳ ଅଫିସ, ୧୫।୬**

ରଜସଂକ୍ରାନ୍ତି ଉପଲକ୍ଷେ ବୁଧବାର ଲୋକାରଣ୍ୟ ହୋଇଉଠିଥିଲା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବକ୍ଷେତ୍ର କପିଳାସ। ପ୍ରାୟ ୪୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ବାରବାଙ୍କ ଘାଟି ରାସ୍ତାରେ ପ୍ରବଳ ଭିଡ଼ ସାଙ୍ଗକୁ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା।

ପ୍ରତିବର୍ଷ ରଜସଂକ୍ରାନ୍ତିରେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ତେବେ ଚଳିତବର୍ଷ ପାଖାପାଖି ଦୁଇଗୁଣା ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କିଛିଦିନ ହେଲା ସହରରେ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଥିବାବେଳେ ଛୁଟିଦିନ ଥିବାରୁ ପ୍ରକୃତି କୋଳରେ ସମୟ ବିତାଇବାକୁ ଜନସାଧାରଣଙ୍କ ମଧ୍ୟରେ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା। ସେହିପରି ପୀଠରେ ଚାଲିଥିବା ୨୪ ପ୍ରହର ପୂଜାରେ ଯୋଗଦେଇ ବିଭୁକୃପା ଲାଭ କରିବାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଶୈବଭକ୍ତମାନେ ଆସିଥିଲେ। ତେବେ ଟ୍ରାଫିକ୍ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଘାଟିରାସ୍ତା ଜାମ୍ ହୋଇଯାଇଥିଲା। ଅନ୍ୟପଟେ ଲୋକମାନେ କପିଳାସ ପାଦଦେଶ ବୁଲିବା ସହ ବନ୍ୟପ୍ରାଣୀ ଉଦ୍ୟାନରେ ବୋଟିଂର ମଜା ନେଇଥିଲେ। ଛୋଟପିଲା, ମହିଳା ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଫୁଲ ବଗିଚାରେ ସମୟ ବିତାଇବା ସହ ଦୋଳିଖେଳରେ ମସ୍‌ଗୁଲ ହୋଇଥିଲେ। ଛାତ୍ରୀଛାତ୍ରମାନେ କପିଳାସ ବିଜ୍ଞାନ ପାର୍କ ବୁଲି ଜ୍ଞାନ ଆହରଣ କରିଥିଲେ। ଭୁବନେଶ୍ୱର ଗୋପବନ୍ଧୁ ଏକାଡେମୀରୁ ୨୨ଜଣ ଓଏଏସ୍ ପ୍ରୋବେଶନର କପିଳାସ ଆସି ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କ ଦର୍ଶନ କରିଥିଲେ। ଅପରାହ୍ନ ୪ଟାଯାଏ ପୀଠ ସମେତ ପାଦଦେଶରେ ଜନ ସମାଗମ ଲାଗି ରହିଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି।

## ପେରାପେରି ପାହାଡ଼ରେ ମା' ବନଦୁର୍ଗାଙ୍କ ଉତ୍ସବ

**ପରଜଙ୍ଗ, ୧୫।୬(ଡି.ଏନ୍.ଏ.)**

କଙ୍କଡାହାଡ଼ ବ୍ଲକ ଗଡ଼ପଳାଶୁଣି ଗ୍ରାମଠାରୁ ୫କି.ମି. ଦୂର ପେରାପରି ପାହାଡ଼ ଶୀର୍ଷରେ ପୂଜା ପାଉଥିବା ମା' ବନଦୁର୍ଗାଙ୍କ ପୀଠରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଗୋଳ, ଯାଜପୁର, କେନ୍ଦୁଝର, ଦେବଗଡ଼ ଜିଲାରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରଚଳିତ କିମ୍ବଦନ୍ତୀ ଅନୁଯାୟୀ ଦୀର୍ଘ ୫୦୦ ବର୍ଷ ହେଲା ପେରାପେରି ପାହାଡ଼ ଶୀର୍ଷରେ ମା' ବନଦୁର୍ଗା ପୂଜା ପାଉଛନ୍ତି। ଏଠାକୁ ଆସୁଥିବା ମାନସିକଧାରୀମାନେ ପରମ୍ପରା ଅନୁଯାୟୀ ମା'ଙ୍କ ନିକଟରେ ପଥର ପୂଜା କରିଥାଆନ୍ତି। ପୂଜିତ ପଥରକୁ ବର୍ଷେ ପର୍ଯ୍ୟନ୍ତ ଘରେ ରଖିଥିଲେ ମନସ୍କାମନା ପୂରଣ ହେଉଥିବା ବିଶ୍ୱାସ ରହିଛି। ପୂଜକ ଶରତ ରଣା କୁହନ୍ତି, ସେ ଦୀର୍ଘ ୩୦ ବର୍ଷ ହେଲା ମା'ଙ୍କ ସେବା କରି ଆସୁଛନ୍ତି। ତାଙ୍କ ପୂର୍ବପୁରୁଷମାନେ ମଧ ଏହି କାର୍ଯ୍ୟ କରୁଥିଲେ। ପ୍ରତିବର୍ଷ ରଜ ସଂକ୍ରାନ୍ତିରେ ମା'ଙ୍କ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥାଏ। ଏହା ଆଜି ବି ଜାରି ରହିଛି। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



ମା' ବନଦୁର୍ଗାଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

## ୟଙ୍ଗ୍ ଷ୍ଟାର ଇଲେଭେନ୍ ଚାମ୍ପିୟନ୍



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ପରଜଙ୍ଗ, ୧୫।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ କଲେଜ ଖେଳପଡ଼ିଆରେ ରାମେଶ୍ୱର ରାଇଜିଂ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୦ମ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ରେମୁନ ଇଲେଭେନ୍‌କୁ ହରାଇ ୟଙ୍ଗଷ୍ଟାର ଇଲେଭେନ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ରେମୁନ୍ ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୮୪ ରନ୍ କରିଥିଲା। ୟଙ୍ଗଷ୍ଟାର ଦଳ ୯ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ନାରାୟଣ ସିଂ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ବିଶ୍ୱଜିତ୍ ସିଂ, ହିମାଂଶୁ ପାତ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ରୋହିତ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ।

ଉଦ୍‌ଯାପନୀ ସମାରୋହରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ ସଭାପତି ବିଷ୍ଣୁଚରଣ ସିଂ, ଆଲୋକ ପଣ୍ଡା, ଦିଲୀପ ପତି, ପ୍ରକାଶ ବିଶ୍ୱାଳ, ରାଜୀବ ପାଣି, କାଳିନ୍ଦୀ ସାହୁ, ରାମେଶ୍ୱର ରାଇଜିଂ କ୍ଲବ ସଦସ୍ୟ ସତ୍ୟନାରାୟଣ ପରିଡ଼ା, ରାଜେଶ ପଣ୍ଡା, ଆର୍ଯ୍ୟ କୁମାର ସିଦ୍ଧାର୍ଥ ପ୍ରମୁଖ ସହଯୋଗ କରିଥିଲେ। ବିଶିଷ୍ଟ କ୍ରୀଡ଼ାବିତ୍ ଚନ୍ଦ୍ରମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଢେଙ୍କାନାଳରେ ଆମେରିକା ପ୍ରତିନିଧି ଦଳ

**ଢେଙ୍କାନାଳ ଅଫିସ, ୧୫।୬**

ଆମେରିକାର ବିଲ୍ ଆଣ୍ଡ୍ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ (ବିଏମ୍‌ଜିଏଫ୍)ର ଏକ ପ୍ରତିନିଧି ଦଳ ବୁଧବାର ଢେଙ୍କାନାଳ ଜିଲା ପରିଦର୍ଶନରେ ଆସିଛନ୍ତି। ବିଏମ୍‌ଜିଏଫ୍‌ର ବ୍ରିଆନ୍ ଆର୍‌ବୋଗାଷ୍ଟଙ୍କ ନେତୃତ୍ୱରେ ରୋଶନ ଶ୍ରେଷ୍ଠା, ଅର୍ଚ୍ଚନା ବ୍ୟାସ, ସଫି ଗୁଡୱାନୀ ପ୍ରମୁଖ ପୌରାଞ୍ଚଳର ୮ନଂ. ୱାର୍ଡ ବାଞ୍ଛୁକୁସୁମସ୍ଥିତ ମଳପଙ୍କ ପରିଚାଳନା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଥିସହ ସେଠାରେ ନିୟୋଜିତ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହିତ କେନ୍ଦ୍ରର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

ପୌରାଞ୍ଚଳ ସମେତ ୫ ପଞ୍ଚାୟତକୁ ନେଇ ଉକ୍ତ ମଳପଙ୍କ ପରିଚାଳନା କେନ୍ଦ୍ର କାର୍ଯ୍ୟକ୍ଷମ ଅଛି। ଉକ୍ତ ୫ ପଞ୍ଚାୟତର ସରପଞ୍ଚଙ୍କ ସହ ମଳପଙ୍କ ପରିଚାଳନା ସମ୍ପର୍କରେ ଭାବବିନିମୟ କରିଥିଲେ। ଜାଗା ମିଶନ କାର୍ଯ୍ୟ କରୁଥିବା ସ୍ଥାନରେ ଡ୍ରେନ୍ ପାଣିକୁ ଫିଲ୍ଟର କରାଯାଇ ଭୂତଳଗାମୀ କରାଯାଉଛି। ଉକ୍ତ ପ୍ରକଳ୍ପ ସ୍ଥଳ ବୁଲି ଜ୍ଞାନ ଆହରଣ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ପାରମ୍ପରିକ ଆଦିବାସୀ ନୃତ୍ୟ ମାଧ୍ୟମରେ ଆମେରିକୀୟ ପ୍ରତିନିଧି ଦଳକୁ ସ୍ୱାଗତ କରାଯାଉଛି।

**ମଳପଙ୍କ ପରିଚାଳନା କେନ୍ଦ୍ର ବୁଲି ଦେଖିଲେ**

ବୈଠକରେ ପ୍ରତିନିଧି ଦଳ ସମେତ ପୌରାଧକ୍ଷା ଜୟନ୍ତୀ ପାତ୍ର, ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ବିଡିଓ ସୁଧୀର କୁମାର ନାୟକ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସ୍ଥାନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାର ୨ବର୍ଷ ପରେ ବନ୍ଦ ହୋଇଯାଉଛି। ତେବେ ଢେଙ୍କାନାଳରେ ୪ବର୍ଷ ହେବ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠିକ୍ ପରିଚାଳନା ଯୋଗୁ ଏହା କାର୍ଯ୍ୟକ୍ଷମ ରହିଛି। ଏହାକୁ ନେଇ ପ୍ରତିନିଧି ଦଳ ସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ପ୍ରତିନିଧି ଦଳକୁ ପାରମ୍ପରିକ ଆଦିବାସୀ ନୃତ୍ୟ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ପୌରସଂସ୍ଥା ଓ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରତିନିଧି ଦଳ ସହିତ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ସଂସ୍ଥା, ଆର୍‌ନେଷ୍ଟ, ୟଙ୍ଗେଷ୍ଟ ସଂସ୍ଥାର କର୍ମକର୍ତ୍ତାମାନେ ମଧ୍ୟ ପ୍ରକଳ୍ପ ପରିଦର୍ଶନ କରିଥିଲେ।

## ସଂକ୍ଷେପରେ

### ଆରମ୍ଭ ହେଲା 'ଅମୃତ ସରୋବର' ପ୍ରକଳ୍ପ

**ଅନୁଗୋଳ ଅଫିସ୍, ୧୫।୬:** ଅନୁଗୋଳ ଜିଲାରେ ଆରମ୍ଭ ହୋଇଛି 'ଅମୃତ ସରୋବର' ପ୍ରକଳ୍ପ। ଇଏସ୍ଆଇ ହସ୍ପିଟାଲ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶ୍ରମ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲିଙ୍କ ଉପସ୍ଥିତିରେ ବଳରାମପ୍ରସାଦ ପଞ୍ଚାୟତ ଅମାନ୍ତପୁରରେ ନୂତନ ପୋଖରୀ ଖନନ ଲାଗି ଭୂମିପୂଜନ କରିଛନ୍ତି। ଭାରତ ସ୍ୱାଧୀନତାର ୭୫ବର୍ଷ ପୂରଣ ଅବସରରେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଛି। ଜଳ ସଂକଟ ଦୂର କରିବା ପାଇଁ ପ୍ରତି ଜିଲାରେ ୭୫ଟି ପୋଖରୀ ଖୋଳାଯିବାକୁ ଯୋଜନା ରହିଛି। ବଳରାମପ୍ରସାଦରେ ଆୟୋଜିତ 'ଗରିବ କଲ୍ୟାଣ ସମ୍ମିଳନୀ'କୁ ସମ୍ବୋଧିତ କରି ଧର୍ମେନ୍ଦ୍ର ପ୍ରଧାନ କହିଲେ, ଜନକଲ୍ୟାଣକାରୀ ଯୋଜନାର କ୍ରିୟାନ୍ୱୟନ କାରଣରୁ ଗରିବ ଲୋକମାନେ ମୋଦି ସରକାରଙ୍କ ନେତୃତ୍ୱକୁ ସ୍ୱୀକାର କରିଛନ୍ତି। ଦେଶର ଯୁବଶକ୍ତିକୁ ସଶକ୍ତ କରିବା ପାଇଁ ଦେଢ଼ ବର୍ଷ ମଧ୍ୟରେ ୧୦ ଲକ୍ଷ ନିଯୁକ୍ତି ଘୋଷଣା କରାଯାଇଛି। ସେନାରେ ନିୟୋଜିତ ହୋଇ ଦେଶ ସେବା କରିବା ପାଇଁ 'ଅଗ୍ନିପଥ ଯୋଜନା' ଆରମ୍ଭ ହୋଇଛି। ଚଳିତ ବର୍ଷ ୪୬,୦୦୦ ଅଗ୍ନିବୀରଙ୍କୁ ନିଯୁକ୍ତି ଦିଆଯିବ ବୋଲି ସେ କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛ ଭାରତ ଯୋଜନା, ଉଜ୍ଜ୍ୱଳା ଗ୍ୟାସ ଯୋଜନା, ଜଳ ଜୀବନ ମିଶନ, କିଷାନ ସମ୍ମାନ ନିଧି, ଗରିବ କଲ୍ୟାଣ ଅନ୍ନ ଯୋଜନା, ନିଃଶୁଳ୍କ ଟିକାକରଣର ସଫଳତା ସମ୍ପର୍କରେ ଧର୍ମେନ୍ଦ୍ର ଆଲୋକପାତ କରିଥିଲେ।

ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ସଞ୍ଜୀବ ସାହୁ, କାଳିନ୍ଦୀ ସାମଲ, ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ଭାଗୀରଥି ପ୍ରଧାନ, ପ୍ରତିମା ମିଶ୍ର, ନୃସିଂହ ବରାଳ, ଚୌଧୁରୀ ପ୍ରଧାନ, ଲିଙ୍ଗରାଜ ଦାସ, ଯଯାତି ପଟ୍ଟନାୟକ, ଦିଲୀପ ପ୍ରଧାନ, ସୁଦୀପ ଗଡ଼ନାୟକ, ପ୍ରକାଶ ମହାରଣା, ବିଜୟ ମାଝି, ପର୍ଶୁରାମ ବାରିକ, ଅନିଲ ବେହେରା, ପ୍ରଶାନ୍ତ ନନ୍ଦ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### କିଶୋରନଗର ଥାନାର ନୂତନ ଅଧିକାରୀ



ବଇଣ୍ଡା, ୧୫।୬(ଡି.ଏନ.ଏ)-ଅନୁଗୋଳ ଜିଲା କିଶୋରନଗର ଥାନାରେ ନୂତନ ଥାନାଧିକାରୀ ଭାବେ ମଙ୍ଗଳବାର ଲବ ବୋଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଆଇସି ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍ ତାଙ୍କୁ ବିଧିବଦ୍ଧ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଥାନା ଅଞ୍ଚଳର ଲୋକଙ୍କୁ କିଭଳି ସୁରକ୍ଷା ଯୋଗାଇ ଦିଆଯିବ, ସେ ନେଇ ସର୍ବାଧିକ ଗୁରୁତ୍ୱ ଦିଆଯିବ। ସେହିପରି ଚୋରା ନିଶା କାରବାର ଉପରେ ରୋକ ଲଗାଯିବ ବୋଲି ନୂତନ ଆଇଆଇସି ପ୍ରତିଶ୍ରୁତି ଦେଇଛନ୍ତି।

# ବୟସ୍କଙ୍କୁ ସମ୍ମାନ ଦେବାକୁ ଆହ୍ୱାନ

**ଅନୁଗୋଳ ଅଫିସ, ୧୫।୬**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ବୟୋଜ୍ୟେଷ୍ଠ ଅପମାନ ନିରୋଧ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଗ୍ରାମ ସମେତ ଜିଲାର ଜିଲାର ବହୁ ବୟସ୍କ ବ୍ୟକ୍ତି ଉପସ୍ଥିତ ଥିଲେ। ବୟସର ଉପାନ୍ତରେ ପହଞ୍ଚିଥିବା ବୟୋବୃଦ୍ଧ ବ୍ୟକ୍ତିଙ୍କୁ ସମ୍ମାନ ଦେବାକୁ ମତପ୍ରକାଶ ପାଇଥିଲା।

ବୟସ୍କଙ୍କ ପ୍ରତି ଘରୋଇ ହିଂସା ବଢ଼ିବାରେ ଲାଗିଛି। ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଛି। ସେମାନେ ଶାରୀରିକ ଏବଂ ମାନସିକ ଭାବେ ନିର୍ଯାତିତ ହେଉଛନ୍ତି। ଏହାକୁ ରୋକିବା ଲାଗି ଉଦ୍ୟମ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଜେଏସ୍‌ପି ଫାଉଣ୍ଡେଶନର ଏଭଳି ନିୟମିତ ସହଯୋଗ ପାଇଁ ଶ୍ରୀ ସାଇନାଥ ବରିଷ୍ଠ ନାଗରିକ ଗୃହର ନିର୍ଦ୍ଦେଶକ ଡାକ୍ତର ଦିଲୀପ ସାମଲ ଧନ୍ୟବାଦ ଅର୍ପଣ କରିଛନ୍ତି। ଜେଏସ୍‌ପି ଫାଉଣ୍ଡେଶନ ସଙ୍ଗଠନର ଅନୁଗୋଳ ଏବଂ ଛେଣ୍ଡିପଦା ଶାଖାକୁ ସର୍ବଦା ସାହାଯ୍ୟ ପ୍ରଦାନ କରିଆସୁଛି। ସେଥିପାଇଁ ଆମେ ବରିଷ୍ଠ ନାଗରିକଙ୍କ ଠିକ୍ ଭାବେ ଯତ୍ନ ନେଇ ପାରୁଛୁ ବୋଲି ଦିଲୀପ ପ୍ରକାଶ କରିଥିଲେ।

ସେହିପରି ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନିମନ୍ତେ 'ସ୍ୱସ୍ତି' ପ୍ରକଳ୍ପ ଚାଲୁଅଛି। ଏକ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଯାନ ମାଧ୍ୟମରେ ହାତପାଆନ୍ତାରେ ବରିଷ୍ଠ ନାଗରିକ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସେବା ପାଇ ପାରୁଛନ୍ତି।



ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

### ବିଶ୍ୱ ବୟୋଜ୍ୟେଷ୍ଠ ଅପମାନ ନିରୋଧ ଦିବସ ପାଳିତ

ବଅଁରପାଳ ବ୍ଲକର ଜାମୁଣ୍ଡାରେ ଟେଲି ମେଡିସିନ କେନ୍ଦ୍ର ଏବଂ ସ୍ୱସ୍ତି କେନ୍ଦ୍ର ଖୋଲାଯାଇ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। ଏହାଦ୍ୱାରା ଶତାଧିକ ବରିଷ୍ଠ ନାଗରିକ ଲାଭାନ୍ୱିତ ହୋଇପାରିଛନ୍ତି। ଜେଏସପି ଫାଉଣ୍ଡେଶନ ସର୍ବଦା ବରିଷ୍ଠ ନାଗରିକ, ସମାଜର ଅବହେଳିତ, ଶୋଷିତ ବର୍ଗଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି। ଓଡ଼ିଶା ସମେତ ଛତିଶଗଡ଼, ଦିଲ୍ଲୀରେ ଅବସ୍ଥିତ ବରିଷ୍ଠ ନାଗରିକ ଗୃହକୁ ସହାୟତା ଯୋଗାଇ ଆସୁଛି ବୋଲି ଜେଏସ୍‌ପି ସଭାପତି ତଥା ସିଏସ୍ଆର ଗ୍ରୁପ ମୁଖ୍ୟ ପ୍ରଶାନ୍ତ ହୋତା ସୂଚନା ଦେଇଛନ୍ତି।

# ୧୫ ୟୁନିଟ୍ ରକ୍ତ ସଂଗୃହୀତ


ଶିବିରରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

**ଆଠମଲ୍ଲିକ,୧୫।୬(ଡି.ଏନ.ଏ)**

ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ବ୍ଲଡ୍ ବ୍ୟାଙ୍କ ତରଫରୁ ମଙ୍ଗଳବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିଏମଓ ଡାକ୍ତର ସୁନୀଲ କୁମାର ପଣ୍ଡା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡାକ୍ତର ନନ୍ଦନ ପଣ୍ଡା, ଡାକ୍ତର ମିହିତୋଷ ପାଣି ନିଜେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସେବିକା ସ୍ନିଗ୍ଧା ରାଣୀ ସିଂ, ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ବୁବୁନା ବେହେରା, ଶ୍ରୀତମ ବେହେରା, ସୁଶାନ୍ତ ସାହୁ, ରାକେଶ ଦତ୍ତ, ରବୀନ୍ଦ୍ର ମହାନ୍ତି ସହଯୋଗ କରିଥିଲେ।

# ଟଙ୍କା ଛଡ଼ାଇନେବା ଅଭିଯୋଗରେ ୫ ଗିରଫ


ଗିରଫ ଅଭିଯୁକ୍ତମାନେ।

**ବଇଣ୍ଡା, ୧୫।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁ ବଇଣ୍ଡା ନିକଟରୁ ଠାକୁରଗଡ଼ ଥାନା ସିମିଳିଆ ଗ୍ରାମର ଅରବିନ୍ଦ ଖିଲାରଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଛଡ଼ାଇନେବା ଅଭିଯୋଗରେ ପୋଲିସ ବୁଧବାର ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୁନୁକାପଶି ଗ୍ରାମର ନାରାୟଣ ବେହେରା, ଅରିକ୍ଷିତ ସାହୁ, ଡେବେରାପାଲି ଗ୍ରାମର ପରମାନନ୍ଦ ମିଶ୍ର, କଦଳୀମୁଣ୍ଡା ଗ୍ରାମର ବଳିଆ ବେହେରା, ଛେଣ୍ଡିପଦା ଅଞ୍ଚଳର ରମେଶ ମାଝି। ଏ ନେଇ ନଂ. ୧୫୧/୨୨ରେ ଏକ ମାମଲା ରୁଜୁ କରାଯାଇଛି। ସମସ୍ତଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ଅରବିନ୍ଦ ଫାଇନାନ୍ସ ମାଧ୍ୟମରେ ଏକ ବାଇକ ଆଣିଥିଲେ। ସେ ତାଙ୍କ ସ୍ତ୍ରୀଙ୍କୁ ନେଇ କିଛିଦିନ ତଳେ ବଇଣ୍ଡା ଅଭିମୁଖେ ଆସୁଥିବାବେଳେ ସମ୍ପୃକ୍ତ ୫ଜଣ ସେମାନଙ୍କୁ ଅଟକାଇଥିଲେ। ଫାଇନାନ୍ସ କର୍ମଚାରୀ ପରିଚୟ ଦେଇ ୧୦ହଜାର ଟଙ୍କା ଛଡ଼ାଇନେଇଥିଲେ। ଅରବିନ୍ଦଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା।

# ଚୋରି ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା, ୧୫।୬(ସ୍ୱ.ପ୍ର.)**

ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ବୁଧବାର ମନ୍ଦିର ହୁଣ୍ଡି ଓ ଦୋକାନ ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ବନ୍ତଳା ଥାନା ସାରୁଆଳି ଗ୍ରାମର ମଳୟ ଭୋଇଙ୍କୁ ଗିରଫ କରିଛି। ପୋଲିସ କହିଛି, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ମଳୟ ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ପରଙ୍ଗ ନିକଟରେ ଥିବା ମା' ପିତାବଳୀ ଠାକୁରାଣୀଙ୍କ ହୁଣ୍ଡି ଭାଙ୍ଗି ୧୨୦୦ ଟଙ୍କା ଚୋରି କରିଥିଲେ। ଏହା ପରେ ଭୁବନପୁର ଗ୍ରାମର ବିଦ୍ୟାଧର ନାଥଙ୍କ ଦୋକାନ ତାଲା ଭାଙ୍ଗି ୨୪୦୦ ଟଙ୍କା ଚୋରି କରୁଥିବାବେଳେ ଗ୍ରାମବାସୀ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ନଂ. ୧୦୩/୨୨ରେ ଏକ ମାମଲା ରୁଜୁ ହୋଇଛି।


ଅନୁଗୋଳ ସହରରେ ବୁଧବାର ପ୍ରବଳ ବର୍ଷା ହୋଇଥିବା ବେଳେ ଦୁଇଜଣ ମୁଣ୍ଡରେ ଜରି ପକାଇ ଯାଉଛନ୍ତି। (ଫଟୋ-ବୁବୁ)

# ପରମ୍ପରା ଉଜ୍ଜୀବିତ ରଖିବାକୁ ପରାମର୍ଶ

**ବଇଣ୍ଡା, ୧୫।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ଇଚ୍ଛାପୁର ଗ୍ରାମରେ 'ବିନାୟକ ୟୁଥ କ୍ଲବ' ପକ୍ଷରୁ ଚାଲିଥିବା ରଜ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷକ ଲୋକନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନ୍ୟତମ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ସାହୁ, ରମେଶ ଚନ୍ଦ୍ର ମିଶ୍ର, ବିଜେଡି ନେତା ଅର୍ଜୁନ କୁମାର ସାହୁ, ମନୋରଞ୍ଜନ ସାହୁ , ଭାଗୀରଥି ସାହୁ, ଜେନାମଣି ସାହୁ ପ୍ରମୁଖ ଯୋଗଦେଇ ରଜପର୍ବ ପରମ୍ପରାକୁ ଉଜ୍ଜିବୀତ କରି ରଖିବାକୁ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଥିଲେ। ମହୋତ୍ସବ ଉପଲକ୍ଷେ ପୁଚି, ପ୍ରଶ୍ନୋତ୍ତର, ଗୀତ, ଝୋଟି, ରଙ୍ଗୋଲି, ତାସ, ଡ୍ୟାନ୍ସ, ଶଙ୍ଖ ଫୁଙ୍କା, ହୁଳହୁଳି ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦ ଜଣ ପ୍ରତିଭା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ୧୪ଜଣ ପ୍ରଥମ, ୧୪ ଜଣ ଦ୍ୱିତୀୟ ଏବଂ ୧୪ ଜଣ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ଲବର ଜୁଏଲ ପ୍ରଧାନ, ସୋମେଶ ମାଝି, ରଞ୍ଜନ ସାହୁ, ଦଶରଥ ମାଝି, ବିଶ୍ୱାମିତ୍ର ଧଳ, ଅଭୟ ସାହୁ, ବାପୁଜୀ ଦେହୁରୀ, ବିନାୟକ ୟୁଥ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥଲେ।


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଭାମାନେ।

# ଅଭିରାମ ପରମହଂସ ଦେବଙ୍କ ଭକ୍ତ ସମ୍ମିଳନୀ


ସମ୍ମିଳନୀରେ ଯୋଗଦେଇଥିବା ଭକ୍ତମାନେ।

**ଛେଣ୍ଡିପଦା, ୧୫।୬(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଖମାର ଗ୍ରାମରେ ମଙ୍ଗଳବାର ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଆଞ୍ଚଳିକ ଭକ୍ତ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଣ୍ଡିଗୋଡ଼ା ମନୋରମ ଆଶ୍ରମର ମହନ୍ତ ଗଙ୍ଗାଧର ଦାସ ଯୋଗଦେଇ ସନାତନ ଧର୍ମର ସୁରକ୍ଷା, ପ୍ରଚାରପ୍ରସାର ସମ୍ପର୍କରେ ଅନୁଗାମୀଙ୍କୁ ଉପଦେଶ ଦେଇଥିଲେ। ଠାକୁରଙ୍କ ରଚିତ ଭଜନ ଓ ଜଣାଣ ଗାନ କରାଯାଇଥିଲା। ଆଞ୍ଚଳିକ ଗୋଷ୍ଠୀ ସଭାପତି ସୁଦର୍ଶନ ସାହୁ, ସମ୍ପାଦକ ହୃଦାନନ୍ଦ ସାହୁ, କୋଷାଧ୍ୟକ୍ଷ ପ୍ରବୀଣ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋହନ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଭାବଗ୍ରାହୀ ସାହୁ, ପଦ୍ମନାଭ ବାବା, ପାଲା ଗାୟକ ସତ୍ୟାନନ୍ଦ ସାହୁ, ଯଦୁମଣି ସାହୁ, ଫୁଲ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ଘୋଷମଣି ସାହୁ, ଉଦୟନାଥ ଦେହୁରୀଙ୍କ ସମେତ ପାତ୍ରପଡ଼ା, ବାଗଡ଼ିଆ, ଜାମୁନାଳୀ, ହାଣ୍ଡିଗୋଡ଼ା, ଛେଣ୍ଡିପଦାର ଶତାଧିକ ଠାକୁରପ୍ରେମୀ ଯୋଗ ଦେଇଥିଲେ।

# ଅସହାୟଙ୍କ ସହ ରଜ ପର୍ବ ପାଳିଲା 'ସଂକଳ୍ପ'


ଟ୍ରଷ୍ଟର ସଦସ୍ୟମାମାନେ ଛୋଟ ଛୁଆଙ୍କୁ ମିଠା ବଣ୍ଟନ କରୁଛନ୍ତି।

**ଅନୁଗୋଳ ଅଫିସ, ୧୫।୬**

ଅନୁଗୋଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂକଳ୍ପ ସୋସିଆଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ' ଦଳିତ, ଅବହେଳିତ, ଅସହାୟ ବ୍ୟକ୍ତିଙ୍କ ସହ ରଜ ପର୍ବ ପାଳନ କରିଛି। ଟ୍ରଷ୍ଟର ସଦସ୍ୟମାନେ କେଦାର ଗୌରୀ ଦୃଷ୍ଟିହୀନ ଧନ୍ଦାମୂଳକ ତାଲିମ୍ କେନ୍ଦ୍ରର ଅନ୍ତେବାସୀଙ୍କ ସହ ମିଶି ଖୁସିମଜା କରିବା ସହ ରଜ ଗୀତ ଗାନ କରିଥିଲେ। ଅନ୍ତେବାସୀଙ୍କୁ ବରା, କାକରା, ମଣ୍ଡା, ଆରିସା, ଇଡ୍‌ଲି, ମିଠା ବଣ୍ଟନ କରାଯାଇଥିଲା। ସେହିପରି ଅନୁଗୋଳ ଜରାଶ୍ରମ ଅନ୍ତେବାସୀ, ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରହୁଥିବା ଗରିବ ଲୋକଙ୍କୁ ପିଠା ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଶୈଳବାଳା ମିଶ୍ର, ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ରତିକାନ୍ତ ସେଠ, ପତିତପାବନ ଜେନା, ବିମଳ ସାହୁ, ସୁଶାନ୍ତ ଦାସ, ସୁଭଦ୍ରା ରାଣୀ ଦାସ, ନୀତେଶ ଜେନା, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟ ପକ୍ଷରୁ ଦୀର୍ଘ ୬ ବର୍ଷ ହେବ ଏପରି ନିଆରା ଢଙ୍ଗରେ ରଜ ପର୍ବ ପାଳନ କରାଯାଉଛି।

# ଲୁପ୍ତ ପରମ୍ପରା ବଞ୍ଚାଇ ରଖିବାକୁ ପରାମର୍ଶ

**ତାଳଚେର,୧୫।୬(ନି.ପ୍ର)**

ପବିତ୍ର ରଜ ସଂକ୍ରାନ୍ତି ଅବସରରେ ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ପରିସରରେ ୧୦ମ ଜିଲାସ୍ତରୀୟ ପୁରାଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ପରିଷଦର ସମ୍ପାଦକ ଜଗନ୍ ମୋହନ ଗଡ଼ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍ ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ଅରୁଣ କୁମାର ସ୍ୱର୍ଣ୍ଣକାର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଲୁପ୍ତ ହୋଇଯାଉଥିବା ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ସମସ୍ତ ଜନସାଧାରଣ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ସଭାପତି ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ଡ. ପ୍ରଶାନ୍ତ ରଥ, ଧନେଶ୍ୱର ସାହୁ, ଉତ୍କଳୀୟ ଦଣ୍ଡସଂସ୍କୃତି ସମାଜ ମଙ୍ଗଳ ସଂଘ ସଭାପତି ହରମୋହନ ସାହୁ, ପବିତ୍ରପଥ ପତ୍ରିକାର ସମ୍ପାଦକ ସଦାନନ୍ଦ ପ୍ରଧାନ, ହିଙ୍ଗୁଳା କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଅଜୟ କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଗବେଷକ ବିଭୂତି ଭୂଷଣ ସାହୁ, ମଞ୍ଚ ଅଭିନେତା ହେମନ୍ତ ଦାସ ଉପସ୍ଥିତ ଥିଲେ। ଅରୁଣ ଗଡନାୟକ, ଦିଲୀପ ଦାସ, କରୁଣାକର ବାଇ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସାନ ଯୋରଡା ପ୍ରଥମ, ବଡ ସିଂହଡା ଦ୍ୱିତୀୟ ଏବଂ ବଡ ଯୋରଡା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ବିଭୂତି ଭୂଷଣ ସ୍ୱାଇଁ, ନେତ୍ରାନନ୍ଦ ସାମନ୍ତ, ଶିକ୍ଷାବିତ୍ ଦୈତାରୀ ସାହୁ, ଦୁଃଖବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅରୁଣ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ପୁରାଣ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଉଛି।

### ହିଙ୍ଗୁଳା ପୀଠରେ ପୁରାଣ ପ୍ରତିଯୋଗିତା

